# NATIONAL NEWS BULLETIN (ODIA)
## 6 September - 2025
### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ମହିଳାଙ୍କ ସଶକ୍ତିକରଣ ସହିତ ଦେଶ ନିର୍ମାଣରେ ସମଭାଗିଦାରୀ ହୋଇପାରିଲେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ, କହିଲେ ପ୍ରଧାନମନ୍ତ୍ରୀ
- ଭାରତ - ଆମେରିକାର ସଂପର୍କରେ ଏକ ସ୍ୱତନ୍ତ୍ରତା ରହିଛି  ଏବଂ ନରେନ୍ଦ୍ର ମୋଦୀ  ଜଣେ ଉତ୍ତମ ପ୍ରଧାନମନ୍ତ୍ରୀ ବୋଲି କହିଛନ୍ତି ଡୋନାଲ୍ଡ ଟ୍ରମ୍ପ
- ଦେଶର ସାମୁଦ୍ରିକ କ୍ଷେତ୍ରରେ ୨୦୪୭ ସୁଦ୍ଧା ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ଲାଗି ୮୦ଲକ୍ଷ କୋଟି ଟଙ୍କାର ଏକ ଯୋଜନା କାର୍ଯ୍ୟକାରି କରୁଛନ୍ତି  ସରକାର
- ଝୋଟ ଶିଳ୍ପର ବିକାଶ ଲାଗି ନବସୃଜନତା ଏବଂ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ  ଗୁରୁତ୍ୱାରୋପ କରିଛନ୍ତି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ

ଏବଂ

- ପୁରୁଷ ଏସିଆ କପ୍ ହକି ଚମ୍ପିୟାନ୍‌ସିପ୍‌ର ସୁପର୍ ଫୋର୍ ପର୍ଯ୍ୟାୟରେ ଆଜି ଭାରତ ଭେଟିବ ଚୀନ୍‌କୁ

# ପିଏମ୍-ଫୁଲେ

ମହିଳାଙ୍କ ସଶକ୍ତିକରଣ ସହିତ ଦେଶ ନିର୍ମାଣରେ ସମଭାଗିଦାରୀ ହୋଇପାରିଲେ ହିଁ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତକାଲି ଗୁରୁଦିବସ ଅବସରରେ କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଠାକୁରଙ୍କର ଏକ ଲେଖାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ହାସଲର ମୂଳମନ୍ତ୍ର ହେଉଛି ଶିକ୍ଷା । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଏହି ସ୍ୱପ୍ନକୁ ପୂରଣ କରିବା ଦିଗରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM)**

# ଟ୍ରମ୍ପ -ଇଣ୍ଡିଆ

ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଏକ ସ୍ୱତନ୍ତ୍ର ସଂପର୍କ ରହିଛି ବୋଲି ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି । ଗତରାତିରେ ୱାଶିଂଟନ୍‌ଠାରେ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ଶ୍ରୀ ଟ୍ରମ୍ପ କହିଛନ୍ତି, ଦୁଇଦେଶର ସଂପର୍କକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ

ନାହିଁ । ନରେନ୍ଦ୍ର ମୋଦୀଙ୍କୁ ଜଣେ ଉତ୍ତମ ପ୍ରଧାନମନ୍ତ୍ରୀ ଭାବେ ଅଭିହିତ କରିବା ସହ ସେ ତାଙ୍କର ବନ୍ଧୁ ହୋଇ ରହିବେ ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି ।

ଅନ୍ୟପକ୍ଷରେ ଭାରତ ରୁଷ୍‌ଠାରୁ ଏତେ ପରିମାଣର ତୈଳ କ୍ରୟ କରୁଥିବା ଯୋଗୁଁ ସେ ଦୁଃଖିତ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି । ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଟ୍ରମ୍ପ କହିଛନ୍ତି, ଭାରତ ସହ ସଂପର୍କ ପୁନଃସ୍ଥାପନ କରିବା ଦିଗରେ ସେ ସର୍ବଦା ପ୍ରସ୍ତୁତ ।

## ଏମ୍‌ଓଏ-ବ୍ରିଫିଂ

ମରିସସ୍‌ର ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମ୍‌ଗୁଲାମ୍ ଆସନ୍ତା ୯ ତାରିଖରୁ ଏକ ସରକାରୀ ଗସ୍ତରେ ଭାରତ ଆସୁଛନ୍ତି । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତ ଅବସରରେ ଶ୍ରୀ ରାମ୍‌ଗୁଲାମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଏହାଛଡ଼ା ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଦ୍ୱିପକ୍ଷୀୟ ରଣନୈତିକ ଭାଗିଦାରକୁ ସଶକ୍ତ କରିବା ଲାଗି କଥାବାର୍ତ୍ତା କରିବେ । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଥିବା ଡକ୍ଟର ରାମଗୁଲାମ୍ ନୂଆଦିଲ୍ଲୀ ବ୍ୟତୀତ ମୁମ୍ବାଇ, ବାରାଣାସୀ, ଅଯୋଧ୍ୟା ଓ ତୀରୁପତି ଗସ୍ତ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି । ଏହି ଗସ୍ତ ଦ୍ୱାରା ଭାରତ ଓ ମରିସସ୍ ମଧ୍ୟରେ ଦ୍ୱିପକ୍ଷୀୟ ସଂପର୍କ ଅଧିକ ସଶକ୍ତ ହୋଇପାରିବ । ଚଳିତ ଥର ମରିସସ୍‌ର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ରାମ୍‌ଗୁଲାମ୍

ପ୍ରଥମ ଉପସାଗରୀୟ ଦ୍ୱିପକ୍ଷିୟ ଗସ୍ତରେ ଭାରତ ଆସୁଛନ୍ତି  ବୋଲି ମନ୍ତ୍ରଣାଳୟ କହିଛି ।

## ସୋନଓ୍ୱାଲ

ଦେଶର ସାମୁଦ୍ରିକ କ୍ଷେତ୍ରରେ ୨୦୪୭ ସୁଦ୍ଧା ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ସରକାର ୮୦ଲକ୍ଷ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଯୋଜନା କାର୍ଯ୍ୟକାରି କରୁଛନ୍ତି ।  ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଗତକାଲି ତାମିଲନାଡୁର ଟୁଟିକୋରିନ୍‌ଠାରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଶ୍ରୀ ସୋନଓ୍ୱାଲ କହିଛନ୍ତି, ଏହାଦ୍ୱାରା ବନ୍ଦରର କ୍ଷମତା, ଜାହାଜ ଚଳାଚଳ, ଜାହାଜ ନିର୍ମାଣ ଓ ଅନ୍ତର୍ଦେଶୀୟ ଜଳପଥର କ୍ଷମତାକୁ ସଂପ୍ରସାରିତ କରାଯାଇ ପାରିବ । ଏହାଛଡ଼ା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀମାନଙ୍କର ଜୀବନ ଜୀବିକା ମାନରେ ଉନ୍ନତି ଆସିପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାମୁଦ୍ରିକ କ୍ଷେତ୍ରରେ ନବସୃଜନତା ଏବଂ ସଂଯୋଗୀକରଣ ମାଧ୍ୟମରେ ରୂପାନ୍ତରଣ ପ୍ରକ୍ରିୟା ଜାରି ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଗତକାଲି ଶ୍ରୀ ସୋନଓ୍ୱାଲ ଟୁଟିକୋରିନ୍‌ଠାରେ ଭି.ଓ ଚିଦାମ୍ବରନର୍ ବନ୍ଦରଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସମେତ ସବୁଜ ହାଇଡ୍ରୋଜେନ୍ ପାଇଲଟ୍ ପ୍ଲାଣ୍ଟ୍‌ର ଶୁଭାରମ୍ଭ କରିଛନ୍ତି ।

## ଜୟଶଙ୍କର-ଭୂଟାନ ପିଏମ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଭୂଟାନ ପ୍ରଧାନମନ୍ତ୍ରୀ ଶେରିଂ ଟବ୍‌ଗେଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଓ ଭୂଟାନ ମଧ୍ୟରେ ସମୟ ପରୀକ୍ଷିତ ଏକ ଅଭିନବ ଭାଗିଦାରୀ ରହିଆସିଛି । ଏହାକୁ ଅଧିକ ସଶକ୍ତ କରିବାରେ ଦୁଇଦେଶ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି । ଏ ଦିଗରେ ନେତୃତ୍ୱ ଓ ମାର୍ଗଦର୍ଶନ ପାଇଁ ଡକ୍ଟର ଜୟଶଙ୍କର ଭୂଟାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## କୋଲକାତା-ଗିରିରାଜ ସିଂ

ଝୋଟ ଶିଳ୍ପର ବିକାଶ ଲାଗି ନବସୃଜନତା ଏବଂ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି କୋଲକାତାଠାରେ ଅନୁଷ୍ଠିତ ଭାରତୀୟ ଝୋଟ ଶିଳ୍ପ ଗବେଷଣା ସଂଘର ସମାରୋହରେ ଯୋଗଦେଇ ଶ୍ରୀ ସିଂ କହିଛନ୍ତି, ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଦିଗରେ ଝୋଟଶିଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ୨୦୩୦ ମସିହା ସୁଦ୍ଧା ଏ କ୍ଷେତ୍ରରେ ଏକ ସ୍ଥାୟୀ ବିକାଶର ଆବଶ୍ୟକତା ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଛନ୍ତି । ଝୋଟ ସହିତ ଆନୁସଙ୍ଗିକ ସାମଗ୍ରୀର ଉପଯୁକ୍ତ ମିଶ୍ରଣ କରାଯାଇ

ପ୍ରକ୍ରିୟାକରଣ ହୋଇପାରିଲେ  ଏହି ଶିଳ୍ପ ଆଧୁନିକତା ସହ ତାଳ ଦେଇ ବିକାଶ କରିପାରିବ । ଏହାଛଡ଼ା ରପ୍ତାନୀ ପରିମାଣ ମଧ୍ୟ ବୃଦ୍ଧି ପାଇବ ବୋଲି ଶ୍ରୀ ସିଂ କହିଛନ୍ତି ।

# ସେଣ୍ଟ୍ରାଲ୍ ଟିମ୍-ଜାମ୍ମୁ

ଜାମ୍ମୁ କାଶ୍ମୀରର ରିଆସି ଜିଲ୍ଲାରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଜନିତ କ୍ଷୟକ୍ଷତି ଆକଳନ କରିବା ନିମନ୍ତେ ଏକ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ଗତକାଲି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଭିତ୍ତିଭୂମିର ପୁନରୁଦ୍ଧାର ସହିତ ଗୋଷ୍ଠୀ ଭିତ୍ତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିକୁ ସଶକ୍ତ କରିବା ଉପରେ ଏହି କେନ୍ଦ୍ରୀୟ ଦଳ ଗୁରୁତ୍ୱାରୋପ କରିଛନ୍ତି । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଯୁଗ୍ମ ସଚିବ କଲୋନେଲ୍ କୀର୍ତ୍ତି ପ୍ରତାପ ସିଂଙ୍କ ନେତୃତ୍ୱରେ ଯାଇଥିବା ଏହି ଦଳ ଗତକାଲି ଉଧମପୁର ଓ ରିଆସି ଜିଲ୍ଲା ପରିଦର୍ଶନ କରିଥିବା ବେଳେ ଗୁରୁବାର ଦିନ କାଠୁଆ ଜିଲ୍ଲା ଗସ୍ତ କରିଥିଲେ ।  ଗସ୍ତ ଅବସରରେ କେନ୍ଦ୍ରୀୟ ଦଳ କାଟ୍ରାର ଶନିମନ୍ଦିର ନିକଟସ୍ଥ ଭୂସ୍ଖଳନ ସ୍ଥାନ ଓ ବାଲାନୀ ବ୍ରିଜ୍ ସମେତ କ୍ଷତିଗ୍ରସ୍ତ ଚାଷଜମି ମଧ୍ୟ ବୁଲି ଦେଖିଛନ୍ତି । ଏହି ଦଳ ପ୍ରଭାବିତ ଚାଷୀଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି । ପରେ କେନ୍ଦ୍ରୀୟ ଦଳ ରିଆସିର ଉପାୟୁକ୍ତ ନିଧି ମାଲିକ୍‌ଙ୍କ ସହିତ କ୍ଷୟକ୍ଷତି ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ।

ଉଧମପୁର ଜିଲ୍ଲାର ଦାମୋତେ ପଞ୍ଚାୟତର ବନ୍ୟାପ୍ରଭାବିତ ଲୋକଙ୍କୁ ଗତକାଲି ଭାରତୀୟ ବାୟୁସେନାର ହେଲିକପ୍ଟର ଯୋଗେ ପ୍ରାୟ ୬ ଟନ୍ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଛି ।

## ସୀତାରମଣ

ଯୁକ୍ତରାଷ୍ଟ୍ର ଆମେରିକାର ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ପ୍ରଭାବିତ ଭାରତର ରପ୍ତାନୀକାରୀଙ୍କୁ ସହାୟତା ଯୋଗାଇଦେବା ଲାଗି ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଏକ ଘରୋଇ ସମ୍ବାଦ ଚ୍ୟାନେଲ୍ ସହ ସାକ୍ଷାତକାର ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ସମ୍ପୃକ୍ତ ରପ୍ତାନୀକାରୀଙ୍କ ଲାଗି ଏକ ସ୍ୱତନ୍ତ୍ର ପ୍ୟାକେଜ୍ ସରକାର ପ୍ରସ୍ତୁତ କରୁଛନ୍ତି । କେବଳ ଦେଶରେ ପ୍ରତ୍ୟେକ ଜିନିଷ ଉତ୍ପାଦନ କରିବା ଦ୍ୱାରା ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବରଂ ବର୍ତ୍ତମାନର ଅନିଶ୍ଚିତ ବୈଶ୍ୱିକ ବାଣିଜ୍ୟ ନୀତିକୁ ଦୃଷ୍ଟିରେ ରଖି ଆତ୍ମସମ୍ମାନ ବଜାୟ ରଖି ବ୍ୟବସାୟ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଦ୍ୱାରା ହିଁ ଆମେ ଲକ୍ଷ୍ୟ ହାସଲ କରିପାରିବା ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଥାଇଲ୍ୟାଣ୍ଡ ପ୍ରାଇମ୍ ମିନିଷ୍ଟର

ଥାଇଲ୍ୟାଣ୍ଡର ସଂସଦ ଆନୁଟିନ୍ ଚାର୍ଣ୍ଣ ଭିରାକୁଲଙ୍କୁ ଦେଶର ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ କରିଛି । ଗତ ଦୁଇବର୍ଷ ମଧ୍ୟରେ ଆନୁଟିନ୍ ହେଉଛନ୍ତି

ଥାଇଲ୍ୟାଣ୍ଡର ତୃତୀୟ ନିର୍ବାଚିତ ପ୍ରଧାନମନ୍ତ୍ରୀ । କାମ୍ବୋଡ଼ିଆ ସହିତ ସୀମା ବିବାଦରେ ନୈତିକତା ଉଲ୍ଲଂଘନ ଅଭିଯୋଗ ସଂପର୍କିତ ମାମଲାରେ ଥାଇଲ୍ୟାଣ୍ଡର ସାମ୍ବିଧାନିକ ଅଦାଲତଙ୍କ ରାୟ ପରେ ପେଟମ୍‌ଟାମ୍ ସିନାଓ୍ୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା । ୪୯୨ ସଦସ୍ୟ ବିଶିଷ୍ଟ ଥାଇଲ୍ୟାଣ୍ଡ୍ ସଂସଦରେ ଆନୁଟିନ୍‌ଙ୍କୁ ୨୪୭ରୁ ଊର୍ଦ୍ଧ୍ୱ ଭୋଟ୍ ମିଳିଥିଲା ।

## ହକି

ବିହାରର ରାଜଗିରି ଠାରେ ଚାଲିଥିବା ପୁରୁଷ ଏସିଆ କପ୍ ହକି ଚାମ୍ପିୟାନ୍‌ସିପ୍‌ର ସୁପର ଫୋର୍ ପର୍ଯ୍ୟାୟରେ ଆଜି ଭାରତ’ ଚୀନ୍‌କୁ ଭେଟିବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରାଜଗିରି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ । ଏ ପର୍ଯ୍ୟନ୍ତ ଭାରତୀୟ ଦଳ ସୁପର ଫୋର୍ ପର୍ଯ୍ୟାୟରେ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଅନ୍ୟଟି ଡ୍ର’ ରଖିଛି । ମୋଟ୍ ୪ ପଏଣ୍ଟ ପାଇ ଭାରତ ପଏଣ୍ଟ ତାଲିକାର ଶୀର୍ଷରେ ରହିଛି । ଏହା ପଛକୁ ୩ ପଏଣ୍ଟ ସହିତ ମାଲେସିଆ ଓ ଚୀନ୍ ଥିବା ବେଳେ କୋରିଆ ୧ ପଏଣ୍ଟ ପାଇ ସର୍ବନିମ୍ନରେ ରହିଛି ।

ଆଜି ଏହି ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ  ଅପରାହ୍ଣ ୫ଟାରେ କୋରିଆ ଓ ମାଲେସିଆ ମଧ୍ୟରେ ମୁକାବିଲା ହେବ । ଏହାଛଡ଼ା ଏହି ଚାମ୍ପିୟାନ୍‌ସିପ୍‌ର

ପଞ୍ଚମରୁ ଅଷ୍ଟମ ସ୍ଥାନ ମଧ୍ୟରେ ସ୍ଥାନିତ ହେବା ଲାଗି ଆଜି ଅପରାହ୍ଣରେ ଚାଇନିସ୍ ତାଇପେଇ' କାଜାଖସ୍ତାନକୁ ଭେଟିବ ।

## ଆର୍ଚେରୀ

ବିଶ୍ୱ ତୀରଚାଳନା ଚମ୍ପିୟାନ୍‌ସିପ୍ ଆଜିଠାରୁ ଦକ୍ଷିଣ କୋରିଆର ଗ୍ୱାଙ୍ଗ୍‌ଜୁ ଠାରେ ଆରମ୍ଭ ହେବ ।  ଏକ ୧୨ଜଣିଆ ଭାରତୀୟ ଦଳ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ଏହି ଚମ୍ପିୟାନ୍‌ସିପ୍‌ର ଗତ ସଂସ୍କରଣରେ ଭାରତ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲା ।

## ଚେସ୍

ଫାଇଡ୍ ଗ୍ରାଣ୍ଡ ସୁଇସ୍ ଚେସ୍-୨୦୨୫ର ଦ୍ୱିତୀୟ ରାଉଣ୍ଡରେ ବିଶ୍ୱ ଚମ୍ପିୟାନ୍ ଗୁକେସ୍ ଡୋମାରାଜୁ ତୁର୍କୀର ୟାଗିଜ-କାନ୍ ଏଡଗ୍ ମୁସ୍‌ଙ୍କ ସହିତ ମ୍ୟାଚ୍ ଡ୍ର ରଖିଛନ୍ତି । ଅନ୍ୟପକ୍ଷରେ ମହିଳା ବର୍ଗରେ ପୂର୍ବବର୍ଷର ଚମ୍ପିୟାନ୍ ବୈଶାଲୀ ରମେଶବାବୁ ନେଦରଲ୍ୟାଣ୍ଡ୍‌ସର ଏଲିନେ ରୋଏବର୍ସଙ୍କୁ ପରାସ୍ତ କରିଛନ୍ତି । ଏହାଛଡ଼ା ପି.ପ୍ରଗ୍ନାନନ୍ଧା ମଧ୍ୟ ତାଙ୍କର ପ୍ରତିଦ୍ୱନ୍ଦୀ ଇଭାନ୍ ଜେମ୍ଲିଇଆନ୍‌ସ୍କିଙ୍କ ବିପକ୍ଷରେ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି । ଆଜି ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡ ଖେଳାଯିବ ।

# ଟେନିସ୍

ୟୁଏସ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ସ୍ପେନ୍‌ର କାର୍ଲସ୍ ଆଲ୍‌କାରାଜ ପ୍ରବେଶ କରିଛନ୍ତି । ଗତକାଲି ଅନୁଷ୍ଠିତ ସେମିଫାଇନାଲ୍‌ରେ କାର୍ଲସ୍ ସର୍ବିଆର ନୋଭାକ୍ ଜୋକୋଭିକ୍‌ଙ୍କୁ ୬-୪, ୭-୬ ଓ ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟ ଏକ ସେମିଫାଇନାଲ୍‌ରେ ଇଟାଲୀର ଜାନିକ୍‌ସିନର୍ ଏବଂ କାନାଡାର ଫେଲିକ୍ସ ଅଗର୍ ଆଲିଆସିମିଙ୍କ ମଧ୍ୟରେ ମୁକାବିଲା ହେବ ।ଏହି ମ୍ୟାଚ୍‌ର ବିଜେତା ଫାଇନାଲ୍‌ରେ କାର୍ଲସ୍‌ଙ୍କୁ ଭେଟିବେ ।

# ଟେନିସ୍

ୟୁଏସ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ସ୍ପେନ୍‌ର କାର୍ଲସ୍ ଆଲ୍‌କାରାଜ ପ୍ରବେଶ କରିଛନ୍ତି । ଗତକାଲି ଅନୁଷ୍ଠିତ ସେମିଫାଇନାଲ୍‌ରେ କାର୍ଲସ୍ ସର୍ବିଆର ନୋଭାକ୍ ଜୋକୋଭିକ୍‌ଙ୍କୁ ୬-୪, ୭-୬ ଓ ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟ ଏକ ସେମିଫାଇନାଲ୍‌ରେ ଇଟାଲୀର ଜାନିକ୍‌ସିନର୍ ଏବଂ କାନାଡାର ଫେଲିକ୍ସ ଅଗର୍ ଆଲିଆସିମିଙ୍କ ମଧ୍ୟରେ ମୁକାବିଲା ହେବ ।ଏହି ମ୍ୟାଚ୍‌ର ବିଜେତା ଫାଇନାଲ୍‌ରେ କାର୍ଲସ୍‌ଙ୍କୁ ଭେଟିବେ ।